## ତହସିଲଦାରଙ୍କ କାର୍ଯ୍ୟାଳୟ, ବିଷମ କଟକ

## ଦୀର୍ଘ ମିଆଦି ଲୀଜ ନିମନ୍ତେ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା ୮୨୦/IX-୪/୨୦୧୮ ତା. 09.05.2018

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବିଷମ କଟକ ତହସିଲ ଅନ୍ତର୍ଗତ ସାଇରାତ ଉତ୍ସଗୁଡିକୁ ଦୀର୍ଘ ମିଆଦି ଲୀଜ ସୂତ୍ରେ ଓଡିଶା ଲଘୁ ଖଣିଜ ରିହାତି ଆଇନ ୨୦୧୬ **(OMMC Rules 2016)** ମୁତାବକ ପାଞ୍ଚ ବର୍ଷ ନିମନ୍ତେ **୨୦୧୮-୨୦୧୯ ବର୍ଷ** ଠାରୁ ୨୦୨୨ – ୨୦୨୩ ବର୍ଷ ପର୍ଯ୍ୟନ୍ତ ଦିଆଯିବ। ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା, ବିଜ୍ଞାପନ, ସର୍ତ୍ତାବଳି, ସାଇରାତ ଉତ୍ସଗୁଡିକର ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି www.rayagada.nic.in ରେ ଉପଲବ୍ଧ କରାଯାଇଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ ବିଜ୍ଞାପନରେ ଦର୍ଶଯାଇଥିବା **Form – M** ତିନିକିତା ନକଲ ପୂରଣ କରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟକୁ ରେଜିଷ୍ଟ୍ରି ଡାକଯୋଗେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ତହସିଲଦାର, ବିଷମ କଟକ

## ତହସିଲଦାରଙ୍କ କାର୍ଯ୍ୟାଳୟ, ବିଷମ କଟକ

## ଦୀର୍ଘ ମିଆଦି ଲୀଜ ନିମନ୍ତେ ନିଲାମ ଇସ୍ତାହାର

**ବିଜ୍ଞପ୍ତି ସଂଖ୍ୟା** ୮୮୬/IX-୫/୨୦୧୮ ତା. ୦୨.୦୫.୨୦୧୮

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବିଷମ କଟକ ତହସିଲ ଅନ୍ତର୍ଗତରେ ଥିବା ନିମ୍ନଲିଖିତ ସାଇରାତ ଉତ୍ସଗୁଡିକୁ ଦୀର୍ଘ ମିଆଦି ଲୀଜ ସୂତ୍ରେ ଓଡିଶା ଲଘୁ ଖଣିଜ ରିହାତି ଆଇନ ୨୦୧୬ **(OMMC Rules 2016)** ମୁତାବକ **ପାଞ୍ଚ ବର୍ଷ** ନିମନ୍ତେ **୨୦୧୮-୨୦୧୯ ବର୍ଷ ଠାରୁ ୨୦୨୨ – ୨୦୨୩** ବର୍ଷ ପର୍ଯ୍ୟନ୍ତ ଦିଆଯିବ। ଇଚ୍ଛୁକ ବ୍ୟକ୍ତି **(OMMC Rules 2016)** ରେ ଦର୍ଶାଯାଇଥିବା **Form – M** ତିନିକିତା ନକଲ ପୂରଣ କରି ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ ତହସିଲଦାର, ବିଷମ କଟକଙ୍କ କାର୍ଯ୍ୟାଳୟକୁ ରେଜିଷ୍ଟ୍ରି ଡାକଯୋଗେ ଦାଖଲ କରିପାରିବେ । (ଲଫାପା ଉପରେ ସାଇରାତ ଉତ୍ସର ନାମ ଲେଖାଥିବା ଆବଶ୍ୟକ)। ନିଲାମ ଧାର୍ଯ୍ୟ ତାରିଖର ପୂର୍ବ ଦିନ ଅପରାହ୍ନ ଘ. ୫ ଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତଗୁଡିକ ବିଚାରକୁ ନିଆଯିବନାହିଁ। କୌଣସି କାରଣ ନ ଦର୍ଶାଇ ନୀଲମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ ରାୟଗଡାଙ୍କ ରହିଅଛି।

**<u>ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ</u> ୧.** ଦରଖାସ୍ତ ପାଉଣା ବାବଦ ଟ. ୧୦୦୦.୦୦ ଙ୍କା (ଅଣଫେରସ୍ତ) ର ଟ୍ରେଜରୀ ଚାଲାଣ । ୨. ପ୍ରସ୍ତାବିତ ସାଇରାତ ଉତ୍ସ ବାବଦୀୟ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧୀୟ ସତ୍ୟପାଠ । ୩. ଏକ ବର୍ଷରେ ହେବାକୁଥିବା ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପରିମାଣର (ଏହି ବିଜ୍ଞପ୍ତିରେ ବର୍ଣିତ) royalty ଓ additional charges ର ସମତୂଲ୍ୟ ଅର୍ଥର 5% Earnest Money ଦାଖଲ କରିଥିବାର ପ୍ରମାଣ ୪. ଏକ ବର୍ଷରେ ହେବାକୁଥିବା ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପରିମାଣର (ଏହି ବିଜ୍ଞପ୍ତିରେ ବର୍ଣିତ) royalty ଓ additional charges ର ସମତୂଲ୍ୟ ଅର୍ଥର ୧୮ ମାସ ପାଇଁ ବୈଧ ଥିବା Solvency Certificate କିମ୍ବା Bank Guarantee ଦାଖଲ କରିବେ। ୪. ଅନ୍ୟାନ୍ୟ ଆବଶ୍ୟକ ତଥ୍ୟର ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ନିଜର ଉପଲବ୍ଧ ଥିବା ଯନ୍ତ୍ରପାତି ଓ ଆର୍ଥିକ ଅବସ୍ଥା ବାବଦୀୟ ତଥ୍ୟ ।

**ବିଶେଷ ସର୍ତ୍ତାବଳୀ** ୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ ଏବଂ Manual of Tahasil Accounts ର ପରିସରଭୁକ୍ତ ରହିବେ । ୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ **royalty** ଓ ସର୍ବୋଚ୍ଚ **additional charge** (ଯାହା ROYALTY

ର 5% ରୁ ଉର୍ଦ୍ଧ ହେବ) ଉଲ୍ଲେଖ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀ ଚୟନ କରାଯିବ । ୩. ଲିଜଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ ଅମାନତ ଅର୍ଥ ନିଲାମ ଚୁଡାନ୍ତ ଦିବସର ୭ଦିନ ମଧ୍ୟରେ ନଗଦ ଆକାରରେ ସମ୍ପୃକ୍ତ ତହସିଲଦାରଙ୍କ ନିକଟରେ ଦାଖଲ କରିବେ । ୪. ଲିଜଧାରୀ ଏକ ବର୍ଷରେ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପାଇଁ ହେବାକୁଥିବା royalty ଓ additional charges ଓ Environmental Management Fundର ସମତୁଲ୍ୟ ଅର୍ଥର ଏକ ଚତୁର୍ଥାଂଶ (ଅମାନତ ଅର୍ଥକୁ ବାଦ ଦେଇ) Form F ରେ ସୂଚନା ପାଇବାର ୧୫ ଦିନ ମଧ୍ୟରେ ଦାଖଲ କରିବେ ଯାହାକି ସୁଧମୁକ୍ତ ଜମାନତ ଭାବେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ଲୀଜ ଅବଧିର ପରିସମାପ୍ତ ପର୍ଯ୍ୟନ୍ତ ରହିବ। ୫. ଲିଜଧାରୀ ମାଇନିଙ୍ଗ ପ୍ଳାନ ପ୍ରସ୍ତୁତ ପାଇଁ ହୋଇଥିବା ଅର୍ଥ **(ଟ. ୪୦,୦୦୦.୦୦ଙ୍କା) ପୈଠ କରିବେ।** ୬. ମାଇନିଙ୍ଗ ପ୍ଳାନରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜଧାରିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରୟାଲିଟି ଓ ସର୍ବୋଚ୍ଚ **additional charge** ମୂଲ୍ୟକୁ ଗୁଣନ କରି ସମ୍ପୃକ୍ତ ଅର୍ଥକୁ ତ୍ରୟ ମାସିକ ଭିତ୍ତିରେ ପୈଠ କରିବେ ଏବଂ ପ୍ରଥମ କିସ୍ତି ପୈଠ ହେଲାପରେ ରେଜିଷ୍ଟ୍ରେସନ ଆକ୍ଟ-୧୯୦୮ ଓ ଷ୍ଟାମ୍ପ ଆକ୍ଟ -୧୮୯୯ ଅନୁଯାୟୀ ଚୁକ୍ତିପତ୍ର (Lease Deed Form N ରେ) ସମ୍ପାଦନା କରିବେ। ୭. ଯଦି ରୟାଲିଟି ଓ ସର୍ବୋଚ୍ଚ **additional charge** ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି ତାହାହେଲେ ଦ୍ୱିତୀୟ ଏବଂ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀ ମାନଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ । ୮. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ରୟାଲିଟି ଓ ସର୍ବୋଚ୍ଚ **additional charge** ମୂଲ୍ୟଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ୯. ନିଲାମଧାରୀମାନେ. OMMC Rules -2016 ର ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟ ହେବେ । ୧୦. ଲିଜଧାରୀ ଜମା ରୟାଲିଟି ଓ additional charges ର ୨% ଅର୍ଥ ଆୟକର ବାବଦକୁ ଏବଂ ୫% ଅର୍ଥ Environmental Management fund ଏବଂ ୫% ଅର୍ଥ Compensatory Afforestation fund ଓ 10% District Mineral Foundation Trust କୁ ତ୍ରୟ ମାସିକ ଭିତ୍ତିରେ ପୈଠ କରିବେ। ୧୧. ଦରଖାସ୍ତକାରୀ Mines Act -1952 ଏବଂ Explosive Act-1954 ର ସମସ୍ତ ନିୟମ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ । Royalty ର ଦରକୁ ସରକାର ତିନି ବର୍ଷ ପରେ ପରିବର୍ତ୍ତନ କରିପାରିବେ।

ପ୍ରଥମ ନିର୍ଦ୍ଧାରିତ ନିଲାମ ତାରିଖ ଦିନ ଯେଉଁ ସଇରାତ ଉତ୍ସ ଗୁଡିକ ନିଲାମ ହୋଇନପାରିବ, ପୁନଶ୍ଚ ସାରଣୀ ଅନୁଯାୟୀ ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖ ଓ ସମୟରେ ନିଲାମ ହେବ । ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଏବଂ ଏହି ସମ୍ବନ୍ଧୀୟ ସଂପୂର୍ଣ୍ଣ ତଥ୍ୟ www.rayagada.nic.in ରେ ଉପଲବ୍ଧ ରହିଅଛି । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ଏହା ସଂଶୋଧନ କରିବାର କ୍ଷମତା ତହସିଲଦାରଙ୍କ ରହିଅଛି । ନିଲାମ ସ୍ଥାନ ଧାର୍ଯ୍ୟ ତାରିଖ ଓ ସମୟ ନିମ୍ନରେ ପ୍ରଦାନ କରାଯାଇଛି । ସଇରାତ ଉତ୍ସ ଗୁଡିକର ସଂପୂର୍ଣ୍ଣ ବିବରଣୀ ନିମ୍ନରେ ଦିଆଗଲା ।

**ନିଲାମ ସ୍ଥାନ** : ତହସିଲ କାର୍ଯ୍ୟାଳୟ, ବିଷମକଟକ ।

**ଧାର୍ଯ୍ୟ ତାରିଖ ଓ ସମୟ :** ପ୍ରଥମ ପର୍ଯ୍ୟାୟ ତା: ୨୨.୦୬.୨୦୧୮ ଦିବା ୧୧.୦୦ ଘଟିକା
ଦ୍ୱିତୀୟ ପର୍ଯ୍ୟାୟ ତା: ୨୫.୦୬.୨୦୧୮ ଦିବା ୧୧.୦୦ ଘଟିକା
ତୃତୀୟ ପର୍ଯ୍ୟାୟ ତା: ୨୭.୦୬.୨୦୧୮ ଦିବା ୧୧.୦୦ ଘଟିକା

ତହସିଲଦାର, ବିଷମ କଟକ

## LIST OF SAIRAT SOURCES OF BISSAM CUTTACK TAHASIL

| Sl. No. | Name of the Mouza | Name of the R.I. Circle | Name of the Sairat Source | Khata No | Plot No. | Area | Quantity of Mineral to be extracted in the entire lease period |
|---|---|---|---|---|---|---|---|
| 1 | Baradaguda | Kumbhar Dhamuni | Stone quarry | 5 | 60 | 12.00 | 133000 Cum |
| 2 | Baradaguda | Kiribiri | Stone quarry | 21 | 80 | 0.24 | 2000 Cum |